# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

India's National Spiritual Newspaper


₹ 10/-

ECHO OF HIS CALL 1969-2019 GOLDEN JUBILEE
REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI    YEAR OF OUR LORD JESUS CHRIST, 2024 DECEMBER    No.10



### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଲୂକ ୧ : ୨୮–୩୫)

୨୮ ସେ ଗୃହରେ ପ୍ରବେଶ କରି ତାଙ୍କ ନିକଟକୁ ଆସି
କହିଲେ, ଆଗୋ ଅନୁଗ୍ରହପାତ୍ରୀ, ତୁମ୍ଭର ମଙ୍ଗଳ
ହେଉ, ପ୍ରଭୁ ତୁମ୍ଭର ସହବର୍ତ୍ତୀ ।
୨୯ କିନ୍ତୁ ସେ ଏହି ବାକ୍ୟରେ ଅତିଶୟ ଉଦ୍‌ବିଗ୍ନ ହୋଇ
ଏହା କିପ୍ରକାର ସମ୍ଭାଷଣ ବୋଲି ମନରେ
ଆନ୍ଦୋଳନ କରିବାକୁ ଲାଗିଲେ ।
୩୦ ସେଥିରେ ଦୂତ ତାଙ୍କୁ କହିଲେ, ଆଗୋ ମରୀୟମ,
ଭୟ କର ନାହିଁ, କାରଣ ତୁମ୍ଭେ ଈଶ୍ୱରଙ୍କ ଛାମୁରେ
ଅନୁଗ୍ରହ ପ୍ରାପ୍ତ ହୋଇଅଛ ।
୩୧ ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ
ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ ।
୩୨ ସେ ମହାନ ହେବେ ଓ ପରାତ୍ପରଙ୍କ ପୁତ୍ର ବୋଲି
ଖ୍ୟାତ ହେବେ; ପ୍ରଭୁ ଈଶ୍ୱର ତାହାଙ୍କୁ ତାହାଙ୍କ
ପିତା ଦାଉଦଙ୍କ ସିଂହାସନ ଦାନ କରିବେ,
୩୩ ସେ ଯାକୁବବଂଶ ଉପରେ ଯୁଗେ ଯୁଗେ ରାଜତ୍ୱ
କରିବେ, ପୁଣି ତାହାଙ୍କ ରାଜ୍ୟର ଶେଷ ହେବ
ନାହିଁ ।
୩୪ କିନ୍ତୁ ମରୀୟମ ଦୂତଙ୍କୁ କହିଲେ, ଏହା କିପରି
ହେବ ? ମୁଁ ତ ପୁରୁଷକୁ ଜାଣେ ନାହିଁ ।
୩୫ ଦୂତ ତାଙ୍କୁ ଉତ୍ତର ଦେଲେ, ପବିତ୍ର ଆତ୍ମା ତୁମ୍ଭ
ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି
ତୁମ୍ଭକୁ ଆବୋରିବ, ଏଣୁ ଯେ ଜାତ ହେବେ, ସେ
ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ ।

## ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଶାନ୍ତି



### ବଡ଼ଦିନର ପ୍ରକୃତ ଉତ୍ସାହକୁ ଗ୍ରହଣ କରିବା

THE PEACE OF GOD IN CHRIST! Embracing the True Spirit of Christmas!



ସମ୍ମାନୀୟା, ମୁଖ୍ୟ ସଂପାଦିକା, ରେଭ୍. ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ



ଛୁଟୀର ସମୟ ଆସୁଥିବା ବେଳେ, ଜଗତ ଉତ୍ସବର ଉଜ୍ଜ୍ୱଳ ପ୍ରଦର୍ଶନ, ଚକ୍‌ମକ୍ ଆଲୋକ ଓ ଆନନ୍ଦପୂର୍ଣ୍ଣ ସଙ୍ଗୀତ ଦ୍ୱାରା ସୁସଜ୍ଜିତ ହେଉଅଛି । ମାତ୍ର ଏହିସବୁ ଆନନ୍ଦ ମଧ୍ୟରେ, ମନୁଷ୍ୟ ହୃଦୟରେ ଶାନ୍ତି, ସୁସ୍ଥତା ଓ ଆଶା ନିମନ୍ତେ ଏକ ଗଭୀର ବ୍ୟାକୁଳତା ଲାଗି ରହିଛି । ବଡ଼ଦିନ, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମଉତ୍ସବ ଏପରି ଏକ ପରିବର୍ତ୍ତନକାରୀ ଶାନ୍ତିର ବାର୍ତ୍ତା ଦିଏ ଯାହା ପାରମ୍ପାରିକ ଉତ୍ସବଗୁଡ଼ିକ ଊର୍ଦ୍ଧ୍ୱକୁ ଉଠିଥାଏ । ଖ୍ରୀଷ୍ଟଙ୍କ ମାଧ୍ୟମରେ, ଆମେ କେବଳ ଏକ ଆନନ୍ଦର ସମୟ ପାଇନ୍ଥୁ, ତା' ନୁହେଁ ମାତ୍ର ଏପରି ଏକ ଗଭୀର, ସ୍ଥାୟୀ ଶାନ୍ତି ମଧ୍ୟ ପାଇନ୍ଥୁ ଯାହା ଏକ ଭଗ୍ନ ଜଗତର ପାପ, ଲଜ୍ଜା ଓ ଉଦ୍‌ବେଗରୁ ସୁସ୍ଥତା ଓ ମୁକ୍ତି ଆଣେ ।

### ଖ୍ରୀଷ୍ଟଙ୍କ ଜନ୍ମରେ ଶାନ୍ତିର ବାର୍ତ୍ତା

ମାଥିଉ ଓ ଲୂକ ସୁସମାଚାରରେ ବର୍ଣ୍ଣିତ ବଡ଼ଦିନ କାହାଣୀ ମାନବଜାତି ନିମନ୍ତେ ଆଶାର ଏକ ନୂତନ ପ୍ରତ୍ୟୁଷର ଆରମ୍ଭ କରିଛି । ଦୂତମାନେ ମେଷପାଳକ ମାନଙ୍କ ନିକଟରେ ଘୋଷଣା କରିଥିଲେ,

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)



ଆହ୍ବାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

# ECHO OF HIS CALL - (1969-2019 GOLDEN JUBILEE YEAR)



REACHING NATIONS

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

"ସଦାପ୍ରଭୁ ଆପଣା ନିକଟରେ ପ୍ରାର୍ଥନାକାରୀ, ସତ୍ୟଭାବରେ ପ୍ରାର୍ଥନାକାରୀ ସମସ୍ତଙ୍କର ନିକଟବର୍ତ୍ତୀ ଅଟନ୍ତି" (ଗୀତ. ୧୪୫:୧୮) ।

**ଖ୍ରୀଷ୍ଟ ଯୀଶୁରେ ପ୍ରିୟ ବନ୍ଧୁଗଣ,**

ଆମେ ଆପଣମାନଙ୍କୁ ସମସ୍ତ ନାମରେ ଉପରେ ଥିବା ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଅତି ଚମତ୍କାର ନାମରେ ଅଭିବାଦନ ଜଣାଇବାର ସୁଯୋଗ ପାଇଅଛୁ ।

ହଁ, ଆମେ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହରୁ ସୁରକ୍ଷିତ ଅଛୁ । ପ୍ରଭୁ ତାଙ୍କର ଶକ୍ତି ମାଧମରେ ଆମର ସହକର୍ମୀମାନଙ୍କୁ ସ୍ପର୍ଶ କରିଛନ୍ତି ଓ ବିଭିନ୍ନ ରୋଗ ଓ ମାନସିକ ଦୁଃଖରୁ ସେମାନଙ୍କୁ ସୁସ୍ଥ କରିଛନ୍ତି ।

ଈଶ୍ୱରଙ୍କ ଅନୁଗ୍ରହରୁ, ଆମେ ୨୦୨୪ ଅକ୍ଟୋବର ୧୯ରେ ମହିଳାମାନଙ୍କ ନିମନ୍ତେ ଏକ ବିଶେଷ ସଭାର ଆୟୋଜନ କରିଥିଲୁ । ଆମର ମୁଖ୍ୟ ସଂପାଦିକ, ଭଉଣୀ ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ ଈଶ୍ୱରଙ୍କ ବାର୍ତ୍ତା ପ୍ରଦାନ କରିଥିଲେ ।



**ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଶେଷ ସଭା**

ଯେଉଁ ମହିଳାମାନେ ସଭାରେ ଯୋଗ ଦେଇଥିଲେ, ସେମାନେ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଓ ପାରିବାରିକ ଜୀବନରେ ଈଶ୍ୱରଙ୍କର ସୁସ୍ଥକାରୀ ସ୍ପର୍ଶକୁ ।



**ମହାବଳିପୁରମ୍‌ଠାରେ ଯୋଶୁଆ ଯୋଦ୍ଧାମାନେ**

ସେହିପରି ଚେନ୍ନାଇଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ଅବସ୍ଥିତ ମହାବଲିପୁରମଠାରେ ଥିବା ଶିବିର ସ୍ଥାନରେ, ଆମେ କେବଳ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ "ଯୋଶୁଆ ଯୋଦ୍ଧା" ନାମକ ଗୋଟିଏ ଏକ ଦିବସୀୟ ବିଶେଷ ଶିବିର ସଭାର ଆୟୋଜନ କରିଥିଲୁ । ଆମେ ଆମର ନିଜର ମିନିବସ୍‌ଗୁଡ଼ିକ ସହିତ ଗୋଟିଏ ବସ୍‌କୁ ଭଡ଼ାରେ ମଧ ନେଇଥିଲ । ୭୦ ଜଣ ଲୋକ ଏହି ଶିବିରରେ ଯୋଗ ଦେଇଥିଲେ । ବିଶେଷ ପ୍ରଚାରକମାନେ ପ୍ରଚାର କରିଥିଲେ । ଏହା ମଧରେ ଖେଳ ସମୟ, ପ୍ରାର୍ଥନା ସମୟ, ସହଭାଗିତାର ସମୟ ଓ ପ୍ରତିବଦ୍ଧତାର ସମୟ ଅନ୍ତର୍ଭୁକ୍ତ

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

*ଥିଲା । କେତେକ ସ୍ଖଳିତ ଲୋକ ଅଶ୍ରୁ ସହିତ ଆଗକୁ ଆସି ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ସେମାନଙ୍କର ଜୀବନକୁ ସମର୍ପଣ କରିଥିଲେ । ସେମାନେ ମଣ୍ଡଳୀରେ ଯୋଗ ଦେବେ ଓ ଅତିଶୀଘ୍ର ସେବାକାର୍ଯ୍ୟରେ ଅଂଶଗ୍ରହଣ କରିବେ । ଆମେ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଚା' ଓ ଜଳଖିଆ ସହିତ ପ୍ରତ୍ୟେକଙ୍କୁ ବିନା ମୂଲ୍ୟରେ ଗୋଟିଏ ଗୋଟିଏ ସାର୍ଟ ମଧ ଦେଇଥିଲୁ । ଦୟାକରି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ।*

*ଠିକ୍ ଆପଣମାନଙ୍କ ପରି, ଆମେ ସମସ୍ତେ ମଧ ଆମର ଜୀବିତ ଓ ପ୍ରେମମୟ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ଉପରେ ଆଧାରିତ ଏହି ମାସ ମଧ୍ୟରେ ସୁସମାଚାର କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନରେ ବ୍ୟସ୍ତ ଅଛୁ । ଆମର ଉପହାର, ଖାଦ୍ୟ, ବସ୍ତ୍ର, ମଣ୍ଡଳୀ କାର୍ଯ୍ୟକ୍ରମ, ପ୍ରଚାର କାର୍ଯ୍ୟକ୍ରମ, ଇତ୍ୟାଦି ସହିତ ଅପହଞ୍ଚ ଅଞ୍ଚଳରେ ପହଞ୍ଚିବା ପାଇଁ ଏହା ସର୍ବୋତ୍ତମ ସମୟ ଅଟେ । ଦୟାକରି ଆମର ସମସ୍ତ ସହକର୍ମୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରନ୍ତୁ ।*

*ଆମେ ଆମର ସେହି ପ୍ରିୟ ଭାଇ ଓ ଭଉଣୀମାନଙ୍କ ନିକଟରେ ଅତିକୃତଜ୍ଞ ଅଟୁ ଯେଉଁମାନେ ଆମକୁ ବିଗତ ବର୍ଷ ୨୦୨୪ରେ ପ୍ରାର୍ଥନା ଓ ସହାୟତା ମାଧମରେ ତୋଳି ଧରିଥିଲେ । ଆମେ ଏହି ସାକ୍ଷ୍ୟ ଦେଇପାରିବା ଯେ ଏହି ଭୟଙ୍କର କଷ୍ଟକର ସମୟରେ, ପ୍ରଭୁ ସର୍ବଦା ଆମ ସହିତ ଯାତ୍ରା କରୁଥିବାରୁ ଆମକୁ ଭୟ କରିବା ପାଇଁ ସୁଯୋଗ ଦେଇ ନ ଥିଲେ । ତାଙ୍କର ପାଞ୍ଚଣ ଓ ବାଡ଼ି ଆମକୁ ଶକ୍ତି ଓ ସାନ୍ତ୍ୱନା ଦେଇଥିଲା । ... **"ତୁମ୍ଭର ପାଞ୍ଚଣ ଓ ତୁମ୍ଭର ବାଡ଼ି ମୋତେ ସାନ୍ତ୍ୱନା ଦିଅନ୍ତି"** (ଗୀତସଂହିତା ୨୩:୪) । ଆମେ ଆଶା କରୁଛୁ ଯେ ଏହି ନୂତନ ବର୍ଷ ତାଙ୍କ ସନ୍ତାନମାନଙ୍କ ପ୍ରତି ଏକ ବଡ଼ ଆଶୀର୍ବାଦସ୍ୱରୂପ ହେବ ।*

*ଆମେ ଆପଣମାନଙ୍କୁ ଅକଥନୀୟଭାବେ ଅତ୍ୟଧିକ ପ୍ରେମ କରୁ ଓ ଆପଣମାନଙ୍କ ନିମନ୍ତେ ଓ ଆପଣମାନଙ୍କ ପ୍ରିୟଜନମାନଙ୍କ ନିମନ୍ତେ ପ୍ରାର୍ଥନା କରୁ । **"ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭକୁ ଦୟା କରନ୍ତୁ, ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖରେ ତେଜ ପ୍ରକାଶ କରନ୍ତୁ ଓ ତୁମ୍ଭକୁ ଅନୁଗ୍ରହ କରନ୍ତୁ, ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାଉନ୍ତୁ ଓ ତୁମ୍ଭକୁ ଶାନ୍ତି ଦିଅନ୍ତୁ"** (ଗଣନା ୬:୨୪-୨୬) ।*

*ଆମେ ଆପଣମାନଙ୍କୁ ଏକ ଆନନ୍ଦମୟ ବଡ଼ଦିନ ଓ ନୂତନ ବର୍ଷ - ୨୦୨୫ ପାଇଁ ଶୁଭକାମନା ଜଣାଉଅଛୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**
ପାଳକ ଆଲେକ୍ସ ସାମ୍‌ସନ୍ ସାମ୍
ପାଳକ ଏସ୍.ସାମ୍.ସେଲ୍‌ଭାରାଜ
(+91) 98412 71858 / 98410 71858,
E.mail : sam@echoofhiscall.org

********************

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବର (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

********************

**"... ସମସ୍ତେ ସ୍ତ୍ରୀ ଲୋକମାନଙ୍କ ସହିତ ଏବଂ ଯୀଶୁଙ୍କ ମାତା ମରିୟମ ଓ ତାହାଙ୍କ ଭାଇମାନଙ୍କ ସହିତ ଏକ ଚିତ୍ତରେ ପ୍ରାର୍ଥନାରେ ନିବିଷ୍ଟ ହୋଇ ରହିଲେ" (ପ୍ରେରିତ ୧:୧୪) ।**

ଆମେ ତାମିଲନାଡୁର ଦକ୍ଷିଣସ୍ଥ ଜିଲ୍ଲାଗୁଡ଼ିକର ଧାର୍ମିକ ଲୋକମାନଙ୍କ ସହିତ ଏକତ୍ର ପ୍ରାର୍ଥନା କରିବାକୁ ଇଚ୍ଛା କରୁଅଛୁ !

## ଈଶ୍ୱରଙ୍କ ସନ୍ତାନ ଓ ପୃଥିବୀର ଶାନ୍ତି ପାଇଁ ଉଦ୍ଧାରକାରୀ ପ୍ରାର୍ଥନା

**Place: Echo of His Call World Peace Prayer Centre,**
Alwarcoil Junction, Vattam Road,
Eranial–Thuckalay Main Road,
Neyyoor P.O., Kanyakumari District-629 802.

**ସମୟ : ୧୩-୧୨-୨୦୨୪**
**ଦ୍ୱିତୀୟ ଶୁକ୍ରବାର**
**ସକାଳ ୧୦.୦୦ - ୧୨.୦୦**



**ପାଳକ ଏସ୍.ସାମ୍.ସେଲ୍‌ଭାରାଜ ନିଜର ସେବାକାର୍ଯ୍ୟର କାର୍ଯ୍ୟକାରୀମାନଙ୍କ ସହିତ ଯୋଗ ଦେବେ**

ପାଳକ ଏସ୍.ସାମ୍.ସେଲ୍‌ଭାରାଜ କନ୍ୟାକୁମାରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଓ ଈଶ୍ୱରଙ୍କ ଆହ୍ୱାନ ପାଇଥିଲେ । ସେ ବର୍ତ୍ତମାନ ବିଗତ ୫୫ ବର୍ଷ ଧରି ଚେନ୍ନାଇରେ ବହୁମୁଖୀ ସେବାକାର୍ଯ୍ୟ ଚଳାଉ ଅଛନ୍ତି ।

ଈଶ୍ୱରଙ୍କ ପ୍ରତ୍ୟାଦେଶ ଓ ଇଚ୍ଛାନୁସାରେ, ଏହି ସଭା ପ୍ରତିମାସ ଦ୍ୱିତୀୟ ଶୁକ୍ରବାର ସକାଳ ୧୦.୦୦ଟାରେ ଅନୁଷ୍ଠିତ ହେବ । ଅସୁସ୍ଥ ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା କରାଯିବ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଦ୍ଭୁତକର୍ମ ସାଧନ କରିବେ ।

ଈଶ୍ୱରଙ୍କ ଯେଉଁ ସନ୍ତାନମାନେ ପ୍ରଭୁଙ୍କ ଦ୍ୱାରା ସମର୍ଥ ହେବେ, ସେମାନେ ଯୋଗ ଦେଇପାରିବେ, ଦୂର ସ୍ଥାନରେ ରହୁଥିବା ଈଶ୍ୱରଙ୍କ ସନ୍ତାନମାନେ ଓ ଏହି ପ୍ରାର୍ଥନା ନିମନ୍ତେ ଭାରଗ୍ରସ୍ତ ଥିବା ଲୋକମାନେ ନିଜ ନିଜ ସ୍ଥାନରେ ରହି ସେହି ସମାନ ସମୟରେ ପ୍ରାର୍ଥନା କରିପାରିବେ ।

**Administrative Committee: Echo of His Call Ministries Cell: 98412 71858**

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

**''ଊର୍ଦ୍ଧ୍ୱ ଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି''** (ଲୂକ ୨:୧୪) । ଏହି ଘୋଷଣାରେ, ଶାନ୍ତି ଖ୍ରୀଷ୍ଟଙ୍କ ଜନ୍ମର ଆନନ୍ଦ ସହିତ ଅବିଚ୍ଛିନ୍ନ ଭାବରେ ସଂଯୁକ୍ତ ଅଟେ – ଏହା ଏପରି ଗଭୀର ପ୍ରଭାବର ଏକ ଆଭାସ ଯାହା ଈଶ୍ୱରଙ୍କ ସହିତ ମାନବଜାତିର ପୁନର୍ମିଳନରେ ରହିଥିଲା।

ଯିଶାଇୟଙ୍କ ଭାବବାଣୀ ଏହି ବାର୍ତ୍ତାକୁ ସୁନ୍ଦର ଭାବେ ବର୍ଣ୍ଣନା କରିଛି, **''କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ, ପୁଣି ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ''** (ଯିଶାଇୟ ୯:୬) । ''ଶାନ୍ତି ରାଜା'' ନାମଟି ପାପ ଓ ସଂଘର୍ଷ ଦ୍ୱାରା ବିନଷ୍ଟ ଏକ ଜଗତ ମଧ୍ୟରେ ଶାନ୍ତି ଆଣିବା ପାଇଁ ଯୀଶୁଙ୍କର କାର୍ଯ୍ୟକୁ ସୂଚିତ କରିଛି ।

## ଆମର ଅଙ୍କୁଶ ଭାବରେ ଈଶ୍ୱରଙ୍କ ଶାନ୍ତି

ଜୀବନର ବିଶୃଙ୍ଖଳିତ ସମୟରେ, ଈଶ୍ୱରଙ୍କ ଶାନ୍ତି ଆମ ପ୍ରାଣ ପାଇଁ ଏକ ଅଙ୍କୁଶ ହୋଇଯାଏ । ପ୍ରେରିତ ପାଉଲ ଫିଲିପ୍ପୀୟ ୪:୬–୭ରେ ଲେଖିଛନ୍ତି, **''କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ''** (ଫିଲିପ୍ପୀୟ ୪:୬–୭) । ଏହି ଶାନ୍ତି ପରିବର୍ତ୍ତନକାରୀ ଅଟେ ଓ ଜୀବନର ଝଡ଼ ମଧ୍ୟରେ ସୁରକ୍ଷା ଓ ଶାନ୍ତି ପ୍ରଦାନ କରେ । ଖ୍ରୀଷ୍ଟଙ୍କ ମାଧ୍ୟମରେ, ଆମକୁ ଈଶ୍ୱରଙ୍କ ସହିତ ଏପରି ଏକ ସଂପର୍କ ମଧ୍ୟକୁ ଆମନ୍ତ୍ରିତ କରାଯାଇଛି ଯାହା ଆମକୁ ତାଙ୍କର ନିରବଚ୍ଛିନ୍ନ ଉପସ୍ଥିତି ଓ ଯତ୍ନ ସମ୍ବନ୍ଧରେ ଭରସା ଦିଏ । ଉତ୍ସବ ଓ ଆନନ୍ଦ ସମୟରେ ହେଉ କିମ୍ବା ବ୍ୟକ୍ତିଗତ ଦୁଃଖ ସମୟରେ ହେଉ, ତାଙ୍କର ଶାନ୍ତି ଆମକୁ ଆଚ୍ଛନ୍ନ କରି ଏହା ସ୍ମରଣ କରାଇ ଦିଏ ଯେ ଆମେ ଏକାକୀ ନୋହୁଁ ।

## ପାପ ଓ ଲଜ୍ଜାରୁ ମୁକ୍ତି

ବଡ଼ଦିନର ଗୋଟିଏ ସର୍ବାଧିକ ଶକ୍ତିପୂର୍ଣ୍ଣ ବାର୍ତ୍ତା ହେଉଛି ଯୀଶୁଙ୍କ ମାଧ୍ୟମରେ ପ୍ରଦତ୍ତ ହୋଇଥିବା ପାପ ଓ ଲଜ୍ଜାରୁ ମୁକ୍ତି । ପାପ ଓ ଦୋଷୀଭାବ ଦ୍ୱାରା ଚିହ୍ନିତ ମାନବର ଭଗ୍ନତା, ପ୍ରାୟତଃ ଅଯୋଗ୍ୟତା ଓ ଲଜ୍ଜାର ଅନୁଭବ ଉତ୍ପନ୍ନ କରେ । ଯୀଶୁଙ୍କର ଜନ୍ମ ଉଦ୍ଧାର ପ୍ରତି ଲକ୍ଷ୍ୟ ରଖିଥିବା ସ୍ୱର୍ଗୀୟ ହସ୍ତକ୍ଷେପକୁ ସୂଚିତ କରେ । ଗାବ୍ରୀୟେଲ ଦୂତ ମରିୟମଙ୍କୁ ଭରସା ଦେଇ କହିଥିଲେ, **''ଈଶ୍ୱରଙ୍କଠାରୁ ନିର୍ଗତ କୌଣସି ବାକ୍ୟ ଶକ୍ତିହୀନ ହେବ ନାହିଁ''** (ଲୂକ ୧:୩୭) । ମସିହଙ୍କ ଆଗମନ କେବଳ ଗୋଟିଏ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା, ତା' ନୁହେଁ, ଏହା ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଏକ ନୂତନ ନିୟମର ଆରମ୍ଭ ମଧ୍ୟ ଥିଲା । ଯୀଶୁ ଆମକୁ ଆମ ପାପରୁ ରକ୍ଷା କରିବା ପାଇଁ ଆସିଥିଲେ । ମାଥିଉ ୧:୨୧ ଘୋଷଣା କରିଛି : **''ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ''** (ମାଥିଉ ୧:୨୧) ।

ପାଉଲ ଏହି ବାର୍ତ୍ତା ଉପରେ ପୁନଃଗୁରୁତ୍ୱାରୋପ କରି ରୋମୀୟ ୮:୧ରେ ସ୍ପଷ୍ଟଭାବରେ କହିଛନ୍ତି ଯେ **''... ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ ।''** ଏହି ଘୋଷଣା ଗୋଟିଏ ଆଶା ଓ ସ୍ୱାଧୀନତାର ଘୋଷଣା ଅଟେ । ଯୀଶୁ କ୍ରୁଶ ଉପରେ ଆମର ପାପ ଓ ଲଜ୍ଜା ସହ୍ୟ କରିଥିଲେ ଓ କେବଳ କ୍ଷମା ନୁହେଁ, ମାତ୍ର ଈଶ୍ୱରଙ୍କ ପ୍ରିୟ ସନ୍ତାନସନ୍ତତି ଭାବରେ ଏକ ନୂତନ ପରିଚୟ ମଧ୍ୟ ଦେଇଥିଲେ ।

## କ୍ଷମାର ଶକ୍ତି

ଈଶ୍ୱରଙ୍କ ଶାନ୍ତି ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମେ ପାଇଥିବା କ୍ଷମା ସହିତ ଗଭୀରଭାବେ ସଂଯୁକ୍ତ ଅଟେ । ଏହି କ୍ଷମା ପାପ ଓ ଲଜ୍ଜାର ଶୃଙ୍ଖଳକୁ ଛିନ୍ନ କରି ଆମକୁ ନୂତନ ଆବିଷ୍କୃତ ସ୍ୱାଧୀନତାରେ ଗମନାଗମନ କରିବା ପାଇଁ ଅନୁମତି ଦିଏ । ପାଉଲ କଲସୀୟ ୧:୧୩–୧୪ରେ ଲେଖିଛନ୍ତି : **''ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମ ପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି, ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପକ୍ଷମା ପାଇଅଛୁ ।''** ଏହି ସତ୍ୟକୁ ଗ୍ରହଣ କରିବା ଦ୍ୱାରା ଆମେ ଅତୀତର ଭାରରୁ ମୁକ୍ତ ହେଉ ଓ ଏହା ଆମର ଦୋଷୀ ଭାବରେ ବୋଝକୁ ଉଠାଇ ନେଇ ଆମକୁ ବର୍ତ୍ତମାନ ସମୟରେ ପରିପୂର୍ଣ୍ଣ ଭାବରେ ବଞ୍ଚିବା ପାଇଁ ସମାର୍ଥ୍ୟ ଦିଏ । ସେଥିପାଇଁ ବଡ଼ଦିନ ସେହି ମୁକ୍ତିର ଏକ ଉତ୍ସବ ହୋଇଯାଇଛି – ସେହି ମୁକ୍ତି ଆମର ଅତୀତର ଭୁଲ ଦ୍ୱାରା ଆଉ ନାମିତ ନ ହୋଇ, ସାହସର ସହିତ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ଉଦ୍ଦିଷ୍ଟ ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


**''ତୁମ୍ଭେମାନେ ପବିତ୍ର ଉପବାସ ନିରୂପଣ କର, ମହାସଭା ଆହ୍ୱାନ କର, ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ଗୃହରେ ପ୍ରାଚୀନଗଣଙ୍କୁ ଓ ଦେଶ ନିବାସୀ ସମସ୍ତଙ୍କୁ ଏକତ୍ର କରି ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର'' (ଯୋୟେଲ ୧:୧୪) ।**

**ଏକ ଦିବସୀୟ ପ୍ରାର୍ଥନା ସଭା**

**ପୃଥିବୀର ମଣ୍ଡଳୀ ଓ ସମାଜଗୁଡ଼ିକରେ ଉଦ୍ଦୀପନା ନିମନ୍ତେ**

**୧୪.୧୨.୨୦୨୪ ଦ୍ୱିତୀୟ ଶନିବାର**

**ସକାଳ ୯.୦୦ ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ**

**ଚର୍ଚ୍ଚ ଅଫ୍ ଗଡ୍, ଭାରତ, ଆହ୍ୱାନର ପ୍ରତିଧ୍ୱନି**

**10, Mohammed Abdullah 2nd Street,**
**Chepauk, Chennai - 600 005, India**

**ବିଶେଷ ଅତିଥି**

**ପ୍ରାର୍ଥନାର ଅଭିଷେକ ସହିତ ଈଶ୍ୱରଙ୍କ ଦାସମାନେ**

**ଆମେ ପ୍ରେମର ସହିତ ଆପଣମାନଙ୍କୁ ସ୍ୱାଗତ ଜଣାଉଅଛୁ !**

ଅନ୍ୟ ସହର ଓ ବିଦେଶର ବିଶ୍ୱାସୀମାନେ ଆମର **ଆହ୍ୱାନର ପ୍ରତିଧ୍ୱନି** ୟୁ-ଟ୍ୟୁବ୍ ଲାଇଭ୍ ପ୍ରସାରଣରେ ଅନ୍‌ଲାଇନରେ ଏହି ପ୍ରାର୍ଥନାରେ ଯୋଗ ଦେଇପାରିବେ ।

ପାଳକ ଏସ୍.ସାମ୍.ସେଲ୍‌ଭାରାଜ — କମଲ ଶାମଶନ (ଲିଡର)

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

**ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)**

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

**(୨୦୨୪ ଡିସେମ୍ବର ୧୯ ରୁ ୨୦୨୫ ଜାନୁୟାରୀ ୧୮ ପର୍ଯ୍ୟନ୍ତ)**

**(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)**

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଡିସେମ୍ବର ୧୯ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ଡିସେମ୍ବର ୨୦ ⇨ ଆମର ଛାପାକଳର ଓ ଏହାର କର୍ମଚାରୀମାନଙ୍କର ନିରନ୍ତର କାର୍ଯ୍ୟ ନିମନ୍ତେ ।

ଡିସେମ୍ବର ୨୧ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସ୍ୱର୍ଗୀୟ ସୁରକ୍ଷା ଦେଉଥିବାରୁ ।

ଡିସେମ୍ବର ୨୨ ⇨ ଆମର ମିଶନ କାର୍ଯ୍ୟକାରୀମାନଙ୍କର ଅବିଚଳିତ ସମର୍ପଣ ନିମନ୍ତେ ।

ଡିସେମ୍ବର ୨୩ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ଈଶ୍ୱରଙ୍କ ଦୟା ଓ ଅନୁଗ୍ରହ ନିମନ୍ତେ ।

ଡିସେମ୍ବର ୨୪ ⇨ ଆମର ସେବାକାର୍ଯ୍ୟର କାର୍ଯ୍ୟକାରୀମାନଙ୍କର ପରିବାର ଗୁଡ଼ିକ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଡିସେମ୍ବର ୨୫ ⇨ ଆଉ ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ଆସିଥିବା ଜଗତର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ନିମନ୍ତେ ।

ଡିସେମ୍ବର ୨୬ ⇨ ଏହି ବର୍ଷ ଆମର ସମସ୍ତ ବଡ଼ଦିନ କାର୍ଯ୍ୟକ୍ରମ ଉପରେ ଆଶୀର୍ବାଦ ନିମନ୍ତେ ।

ଡିସେମ୍ବର ୨୭ ⇨ ଆବଶ୍ୟକତା ମଧ୍ୟରେ ଥିବା ଲୋକମାନଙ୍କର ସେବା କରିବାରେ ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଆମର ଥିଓଲୋଜିକାଲ୍ କରେସ୍ପଣ୍ଡେସ୍ ପାଠ୍ୟକ୍ରମ ନିମନ୍ତେ ।

ଡିସେମ୍ବର ୨୮ ⇨ ୨୦୨୪ ଓ ୨୦୨୫ ମଧ୍ୟରେ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ବିଶେଷ ସଭା ଓ ଅଧିବେଶନ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ଡିସେମ୍ବର ୨୯ ⇨ ଏହି ବର୍ଷ ସାରା ସ୍ୱର୍ଗୀୟ ସୁରକ୍ଷା ସହିତ ଈଶ୍ୱରଙ୍କ ଦାସମାନଙ୍କ ଉପରେ ଆଶୀର୍ବାଦ କରିଥିବାରୁ ।

ଡିସେମ୍ବର ୩୦ ⇨ ଏହି ବର୍ଷ ସାରା ଖ୍ରୀଷ୍ଟୀୟ ସଂସ୍ଥାଗୁଡ଼ିକର ସୁଗମ ଓ ଫଳପ୍ରଦ କାର୍ଯ୍ୟ ନିମନ୍ତେ ।

ଡିସେମ୍ବର ୩୧ ⇨ ୨୦୨୪ରେ ଆଶ୍ଚର୍ଯ୍ୟଜନକ ଭାବରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ।

ଜାନୁୟାରୀ ୧ ⇨ ନୂତନ ବର୍ଷ ୨୦୨୫ ମଧ୍ୟକୁ କଢ଼ାଇ ନେବାରେ, ସମଗ୍ର ପୃଥିବୀର ସମସ୍ତ ପାଠକ ଓ ଲୋକମାନଙ୍କ ପ୍ରତି ତାଙ୍କର ଚାଳନା ଓ ଆଶୀର୍ବାଦ ନିମନ୍ତେ ।

ଜାନୁୟାରୀ ୨ ⇨ ସମସ୍ତ ମଣ୍ଡଳୀ ଓ ବିଶ୍ୱାସୀମାନଙ୍କ ପ୍ରତି ଆଶା ଓ ଆଶୀର୍ବାଦ ଆଣିବାକୁ ଯାଉଥିବା ୨୦୨୫ ପାଇଁ ନୂତନ ପ୍ରତିଜ୍ଞା ସବୁ ନିମନ୍ତେ ।

ଜାନୁୟାରୀ ୩ ⇨ ୨୦୨୪ରେ ସମସ୍ତ ଖ୍ରୀଷ୍ଟୀୟ ସଂସ୍ଥା ଓ ମଣ୍ଡଳୀଗୁଡ଼ିକ ଉପରେ ନିରବଚ୍ଛିନ୍ନ ଆଶୀର୍ବାଦ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଜାନୁୟାରୀ ୪ ⇨ ସମଗ୍ର ପୃଥିବୀରେ ଶାନ୍ତି ଓ ମାନବତାର ଅଭିବୃଦ୍ଧି ନିମନ୍ତେ ।

ଜାନୁୟାରୀ ୫ ⇨ ସମଗ୍ର ପୃଥିବୀର ଲୋକମାନଙ୍କ ନିମନ୍ତେ ନୂତନ ରୋଗ ଗୁଡ଼ିକରୁ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ।

ଜାନୁୟାରୀ ୬ ⇨ ମନ୍ଦଶକ୍ତି ବିରୁଦ୍ଧରେ ସମସ୍ତ ମଣ୍ଡଳୀ ଉପରେ ସ୍ୱର୍ଗୀୟ ସୁରକ୍ଷା ।

ଜାନୁୟାରୀ ୭ ⇨ ଜଗତର ନେତାମାନେ ଯେପରି ସମସ୍ତ ଲୋକଙ୍କର ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁ କରୁ ସ୍ୱର୍ଗୀୟ ଜ୍ଞାନ ଦ୍ୱାରା ପରିଚାଳିତ ହେବେ ।

ଜାନୁୟାରୀ ୮ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସ୍ପଣ୍ଡେସ ପାଠ୍ୟକ୍ରମର ଅଧ୍ୟକ୍ଷ, ଶିକ୍ଷକଗଣ, ଛାତ୍ର ଓ କର୍ମଚାରୀମାନଙ୍କ ନିମନ୍ତେ ।

ଜାନୁୟାରୀ ୯ ⇨ ଈଶ୍ୱରଙ୍କ ବଳବନ୍ତ ହସ୍ତ ଯେପରି ୨୦୨୫ରେ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସହିତ ରହିବ ।

ଜାନୁୟାରୀ ୧୦ ⇨ ଦେଶଗୁଡ଼ିକ ମଧ୍ୟରେ ଶାନ୍ତି ଓ ଅର୍ଥନୈତିକ ସମୃଦ୍ଧି ନିମନ୍ତେ ।

ଜାନୁୟାରୀ ୧୧ ⇨ ପ୍ରତ୍ୟେକ ସ୍ଥାନରେ ପରିବାର ମଧ୍ୟରେ ମିଳନ ନିମନ୍ତେ ।

ଜାନୁୟାରୀ ୧୨ ⇨ ଈଶ୍ୱର ଯେପରି ଏହି ମାସ ଆମର ଆବଶ୍ୟକତାଗୁଡ଼ିକୁ ପୂରଣ କରିବେ ।

ଜାନୁୟାରୀ ୧୩ ⇨ ଆମ ବରିଷ୍ଠ ପାଳକଙ୍କର ଆମ୍ ଜୀବନୀର ସଫଳ ସମାପ୍ତି ନିମନ୍ତେ ।

ଜାନୁୟାରୀ ୧୪ ⇨ ସମଗ୍ର ପୃଥିବୀରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ସୁସମାଚାର ପ୍ରସାର ନିମନ୍ତେ ।

ଜାନୁୟାରୀ ୧୫ ⇨ ଯୁବାମାନଙ୍କ ମଧ୍ୟରେ ଯେପରି ହିଂସା ସମାପ୍ତ ହେବ ଓ ସେମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବେ ।

ଜାନୁୟାରୀ ୧୬ ⇨ ଖ୍ରୀଷ୍ଟିୟାନମାନେ ଯେପରି ଈଶ୍ୱରଙ୍କ ବାକ୍ୟର ଅନୁଗାମୀ ହେବେ ଓ ଖ୍ରୀଷ୍ଟ-ସଦୃଶ ଚରିତ୍ର ପ୍ରଦର୍ଶନ କରିବେ ।

ଜାନୁୟାରୀ ୧୭ ⇨ ଆମର ଅନୁଷ୍ଠାନ ନିମନ୍ତେ ଯୋଗ୍ୟ ଓ ସମର୍ପିତ କର୍ମଚାରୀମାନଙ୍କୁ ଯୋଗାଇବା ନିମନ୍ତେ ।

ଜାନୁୟାରୀ ୧୮ ⇨ ଆମର ପ୍ରାର୍ଥନା ସାଥୀ, ଆଜୀବନ ସଭ୍ୟ, ବିଶ୍ୱାସ ସାଥୀ, ସଭ୍ୟସଭ୍ୟା, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

## ଗୋଟିଏ ଭଗ୍ନ ଜଗତରେ ଆଶା

ଉତ୍ସବର ଆଲୋକ ଓ ଆନନ୍ଦପୂର୍ଣ୍ଣ ସମାବେଶ ମଧ୍ୟରେ, ଅନେକ ଲୋକ ନୀରବରେ ଭଗ୍ନତା, ଦ୍ୱନ୍ଦ୍ୱ ଓ ବିଷାଦ ସହିତ ସଂଘର୍ଷ କରୁଛନ୍ତି । ଦୈନିକ ଜୀବନର କ୍ଳେଶ, ଯଥା ଚାପଗ୍ରସ୍ତ ସଂପର୍କ, ହିଂସା ଦ୍ୱାରା ଆକ୍ରାନ୍ତ ସମାଜ ଓ କ୍ଷତିଜନିତ ଅତିରିକ୍ତ ଦୁଃଖ ଏହି ସମୟର ଆନନ୍ଦକୁ ଆଚ୍ଛନ୍ନ କରିପାରେ । ଏହିପରି ଏକ ଜଗତରେ, ଖ୍ରୀଷ୍ଟଙ୍କର ଜନ୍ମ ଆଶାର ଏକ ସ୍ଥିର କିରଣ ପ୍ରଦାନ କରିଛି ।

ଯୀଶୁଙ୍କର ଆଗମନ ମାନବଜାତି ପ୍ରତି ଈଶ୍ୱରଙ୍କର ଅପରିବର୍ତ୍ତନୀୟ ପ୍ରତିବଦ୍ଧତାର ପ୍ରତୀକ ଅଟେ । ଜଗତର ଆଲୋକ ଭାବରେ, ସେ ଅନ୍ଧକାର ବିରୁଦ୍ଧରେ ଆଲୋକ ପ୍ରକାଶ କରନ୍ତି । ଯୋହନ ୮:୧୨ କହିଛି, **"ଯୀଶୁ ପୁନର୍ବାର ଲୋକମାନଙ୍କୁ ଶିକ୍ଷା ଦେଇ କହିଲେ, ମୁଁ ଜଗତର ଜ୍ୟୋତିଃ, ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତିଃ ପାଇବ ।"** ଜୀବନ ଭାରାକ୍ରାନ୍ତ ବୋଲି ଅନୁଭବ ହେଉଥିବା ସମୟରେ ସୁଦ୍ଧା, ଏହି ଆଲୋକ ଆଶା ଆଣିଥାଏ ।

ପ୍ରେରିତ ପାଉଲ ଆମକୁ ଏହା ସ୍ମରଣ କରାଇ ଦେଇଛନ୍ତି ଯେ ଆମର ଆଶା ଖ୍ରୀଷ୍ଟଙ୍କଠାରେ ଆମକୁ ବିଶ୍ୱାସରେ ସଂଯୁକ୍ତ ହୋଇଛି – ଏହା ଏପରି ଏକ ଆଶା ଯାହା ଉଭୟ ବର୍ତ୍ତମାନ ଓ ଭବିଷ୍ୟତ୍‌କୁ ସ୍ପର୍ଶ କରେ । ରୋମୀୟ ୧୫:୧୩ରେ ସେ ପ୍ରାର୍ଥନା କରିଛନ୍ତି, **"ସେହି ଭରସାର ଈଶ୍ୱର ତୁମ୍ଭମାନଙ୍କୁ ବିଶ୍ୱାସ ଦ୍ୱାରା ସମସ୍ତ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତୁ, ଯେପରି ତୁମ୍ଭେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଭରସାର ପ୍ରଚୁରତା ଅନୁଭବ କର ।"** ଏହି ବଡ଼ଦିନରେ ଯୀଶୁ ଆଣୁଥିବା ଭରସା ଉପରେ ଚିନ୍ତା କରୁଥିବା ସମୟରେ, ଆମକୁ ଅନ୍ୟମାନଙ୍କ ନିକଟରେ ସେହି ଭରସା ବିଷୟରେ ଜଣାଇବା ପାଇଁ ଆହ୍ୱାନ କରାଯାଇଛି ଓ ଏହି ନିଶ୍ଚୟତା ମଧ୍ୟ ଦିଆଯାଇଛି ଯେ ଯେଉଁମାନେ ଦୁଃଖଭୋଗ କରୁଛନ୍ତି, ସେମାନେ ଖ୍ରୀଷ୍ଟଙ୍କଠାରେ ସେହି ସାନ୍ତ୍ୱନା ପାଇପାରିବେ ।

## ନିରାଶମାନଙ୍କ ନିମନ୍ତେ ଆଶା

ବଡ଼ଦିନର ବାର୍ତ୍ତା ନୈରାଶ୍ୟ ଦ୍ୱାରା ଭାରାକ୍ରାନ୍ତ ଲୋକମାନଙ୍କ ପ୍ରତି ଏକ ହସ୍ତ ପ୍ରସାରଣ କରେ । ଅନେକେ ଜୀବନର କଷ୍ଟ ଦ୍ୱାରା ଭାରାକ୍ରାନ୍ତ ହୋଇ ବିନଷ୍ଟ ହେବା ଭଳି ଅନୁଭବ କରନ୍ତି । ମାତ୍ର ଭାବବାଦୀ ଯିରିମିୟ ଏହା ସ୍ମରଣ କରାଇ ଦେଇଛନ୍ତି : **"ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେ ସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ"** (ଯିରିମିୟ ୨୯:୧୧) ।

ଯୀଶୁ ଏହି ଭରସାର ମୂର୍ତ୍ତିମନ୍ତ ଅଟନ୍ତି । ତାଙ୍କର ଜୀବନ ଓ ଶିକ୍ଷା ସାନ୍ତ୍ୱନା ଓ ଉଦ୍ଦେଶ୍ୟ ପ୍ରଦାନ କରେ ଓ ଆମକୁ ଏହି ଭରସା ଦିଏ ଯେ ଆମର ପରିବେଶ ଆମର ମୂଲ୍ୟ କିମ୍ବା ସମ୍ଭାବନାର ସଂଜ୍ଞା ପ୍ରଦାନ କରେ ନାହିଁ । ଜୀବନର ଅର୍ଥ ଜାଣିବା ପାଇଁ ବ୍ୟାକୁଳ ହେଉଥିବା ଗୋଟିଏ ଜଗତରେ, ଖ୍ରୀଷ୍ଟୀୟ ବାର୍ତ୍ତା ଆମକୁ ସେହି ଯୀଶୁଙ୍କଠାରେ ବିଶ୍ୱାସ କରିବା ପାଇଁ କହିଛି ଯିଏ ଜୀବନର ଅନ୍ଧକାର ସମୟରେ ମଧ୍ୟ ଆଶାକୁ ବିଚ୍ଛୁରିତ କରନ୍ତି ।

## ଏକ କ୍ଳେଶଭରା ଜଗତରେ ଯୀଶୁ ରାଜା ଅଟନ୍ତି

ଆମର ଜଗତ ଅସଂଖ୍ୟ ଆହ୍ୱାନ, ଯଥା ସଂଘର୍ଷ, ଦାରିଦ୍ର୍ୟ, ଅନ୍ୟାୟ ଓ ବିଭାଜନର ସମ୍ମୁଖୀନ ହୁଏ । ଆମେ ଖ୍ରୀଷ୍ଟଙ୍କର ଜନ୍ମରେ ଆନନ୍ଦ କରୁଥିବା ସମୟରେ, ଆମକୁ ଏହା ସ୍ମରଣ କରାଇ ଦିଆଯାଏ ଯେ ସେ ଏହି ସମସ୍ତ ସଂଘର୍ଷର ମୂଳ କାରଣକୁ ଦୂର କରିବାକୁ ଆସିଥିଲେ । ଯୀଶୁ କେବଳ ଶାନ୍ତିର ବାହକ ନୁହଁନ୍ତି, ସେ ନିଜେ ଏହାର ସାରାଂଶ ଅଟନ୍ତି ଓ ଆମକୁ ଆମ ଜୀବନରେ ଶାନ୍ତିକାରକ ହେବା ପାଇଁ ଆହ୍ୱାନ କରନ୍ତି । ମାଥିଉ ୫:୯ରେ ଉଲ୍ଲେଖ ଅଛି : **"ଶାନ୍ତିକାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବେ ।"** ନିଜର କାର୍ଯ୍ୟକାଳ ମଧ୍ୟରେ, ଯୀଶୁ ବଞ୍ଚିତ ଲୋକମାନଙ୍କ ନିକଟରେ ପହଞ୍ଚିବା ଦ୍ୱାରା, ଶତ୍ରୁମାନଙ୍କ ସହିତ ପୁନର୍ମିଳିତ ହେବା ଦ୍ୱାରା ଓ ଭଗ୍ନାନ୍ତଃକରଣମାନଙ୍କୁ ସୁସ୍ଥ କରିବା ଦ୍ୱାରା ଶାନ୍ତିକାରକ ହେବାର ଦୃଷ୍ଟାନ୍ତ ପ୍ରଦର୍ଶନ କରିଥିଲେ । ତାଙ୍କର ଦୃଷ୍ଟାନ୍ତ ଆମକୁ ଆମର ସଂପର୍କ ଓ ସମାଜ ମଧ୍ୟରେ ସକ୍ରିୟଭାବେ ଶାନ୍ତିର ଅନୁଗାମୀ ହେବା ପାଇଁ ଉତ୍ସାହିତ କରେ ।

## ମଣ୍ଡଳୀର ଭୂମିକା

ମଣ୍ଡଳୀ ଗୋଟିଏ କ୍ଳେଶଯୁକ୍ତ ଜଗତ ନିକଟକୁ ଖ୍ରୀଷ୍ଟଙ୍କର ଶାନ୍ତି ଆଣିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଖ୍ରୀଷ୍ଟଙ୍କର ଶରୀର ଭାବରେ, ଆମକୁ ବାସ୍ତବ ଓ ପ୍ରକୃତ ମାର୍ଗରେ ଈଶ୍ୱରଙ୍କ ପ୍ରେମ ଓ ଅନୁଗ୍ରହ ପ୍ରଦର୍ଶନ କରିବାକୁ ଆହ୍ୱାନ କରାଯାଇଛି । ଏଫିସୀୟ ୨:୧୪–୧୬ରେ, ପାଉଲ ଲେଖିଛନ୍ତି : **"କାରଣ ସେ ତ ଆମ୍ଭମାନଙ୍କର ଶାନ୍ତି, ସେ ଶତ୍ରୁତାସ୍ୱରୂପ ମଧ୍ୟବର୍ତ୍ତୀ ବିଚ୍ଛେଦ ପ୍ରାଚୀର ଭଗ୍ନ କରି ଜଗତକୁ ଏକ କରିଅଛନ୍ତି ।"**

ଏହି ଅନୁଚ୍ଛେଦ ଏହି ବିଷୟ ଉପରେ ଗୁରୁତ୍ୱ ଦେଇଛି ଯେ ଖ୍ରୀଷ୍ଟଙ୍କ ମାଧ୍ୟମରେ, ପ୍ରତିବନ୍ଧକ ଗୁଡ଼ିକ ଭଗ୍ନ ହୋଇଅଛି ଓ ଏକତା ସ୍ଥାପିତ ହୋଇଛି । ଗୋଟିଏ ବିଭାଜିତ ଜଗତରେ, ମଣ୍ଡଳୀ ଆଶାର ଏକ କିରଣ ହୋଇ କ୍ଷମା ଓ ପୁନର୍ମିଳନର ଦୃଷ୍ଟାନ୍ତ ଦେଖାଇବା ଉଚିତ୍ । ଆମର କାର୍ଯ୍ୟ ଖ୍ରୀଷ୍ଟ ଯୋଗାଇଥିବା ଶାନ୍ତି ପ୍ରତି ଏକ ଶକ୍ତିପୂର୍ଣ୍ଣ ସାକ୍ଷ୍ୟ ହୋଇଯାଏ ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ECHO OF HIS CALL 1969-2019 GOLDEN JUBILEE REACHING NATIONS
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ (Residential) Sponsorship Available
ମାଧ୍ୟମ ~ ତାମିଲ (Part Time)
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*



## ବିଫଳତାଗୁଡ଼ିକ ସଫଳତା ପାଇଁ ଶିଢ଼ୀ ଅଟେ

**MY FAILURES WERE LADDERS FOR SUCCESS!**

ଆହ୍ୱାନର ପ୍ରତିଧ୍ୱନିର ଆରମ୍ଭ ସମୟରୁ, ଆମ ସେବାକାର୍ଯ୍ୟ ବ୍ୟକ୍ତିଗତ ପ୍ରାର୍ଥନା, ଦଳଗତ ପ୍ରାର୍ଥନା, ଉପବାସ ଓ ରାତ୍ରି ପ୍ରାର୍ଥନା ଉପରେ ବଡ଼ ଗୁରୁତ୍ୱ ଦେଉଥିଲା । ଏହି ସେବାକାର୍ଯ୍ୟ ମାନବ ଶକ୍ତି କିମ୍ବା ଅର୍ଥନୈତିକ ଶକ୍ତି ଉପରେ ନିର୍ମିତ ନ ହୋଇ ପ୍ରାର୍ଥନାର ଶକ୍ତି ଉପରେ ନିର୍ମିତ ହୋଇଥିଲା ।

ବେଳେବେଳେ, ଈଶ୍ୱର ଆମ ପ୍ରତି ଆହ୍ୱାନ ଜଣାଇବା ପାଇଁ ବିରୋଧୀ ବ୍ୟକ୍ତିମାନଙ୍କୁ ଆଣୁଥିଲେ, ପୁଣି ଅନ୍ୟ ସମୟରେ, ସେ ସହାୟତା ପ୍ରଦାନ କରୁଥିବା ଲୋକମାନଙ୍କୁ ମୋ' ଚତୁର୍ଦ୍ଦିଗରେ ବେଷ୍ଟନ କରୁଥିଲେ । ଏହି ସମସ୍ତ ମଧ୍ୟରେ, ଈଶ୍ୱର ମୋତେ ଆଶ୍ଚର୍ଯ୍ୟଜନକ ମାର୍ଗରେ ଚାଳନା ଦେଇଥିଲେ ।

ପଛକୁ ଫେରି ଚାହିଁଲେ, ଈଶ୍ୱର କିପରି ତାଙ୍କୁ ଜାଣି ନ ଥିବା, ଏପରିକି ଆମ ସେବାକାର୍ଯ୍ୟକୁ ବିରୋଧ କରୁଥିବା ଲୋକମାନଙ୍କ ମଧ୍ୟରେ ସୁଦ୍ଧା ମୋତେ ଚାଳନା ଦେଇଥିଲେ, ଏହା ମୁଁ ଦେଖିପାରେ । 'ଆହ୍ୱାନର ପ୍ରତିଧ୍ୱନି' ମାଧ୍ୟମରେ, ଅନେକ ଲୋକ ସେମାନଙ୍କ ଜୀବନରେ ଆଶ୍ଚର୍ଯ୍ୟଜନକ ଚିହ୍ନ ଓ ଅଦ୍ଭୁତ କର୍ମର ଅନୁଭୂତି ପାଇଛନ୍ତି ।

ଆମର ରାତ୍ରି ପ୍ରାର୍ଥନା ଓ ସନ୍ଧ୍ୟାକାଳୀନ ସମାବେଶ ଲୋକମାନଙ୍କ ପ୍ରତି ଅସଂଖ୍ୟ ଆଶୀର୍ବାଦ ଆଣିଥିଲା ଓ ମୁଁ ଏହି ସଭାଗୁଡ଼ିକୁ ଅନ୍ୟ ସମସ୍ତ ବିଷୟ ଉପରେ ଅଧିକ ପ୍ରାଧାନ୍ୟ ଦେଇଥିଲି । ଆରମ୍ଭରେ, ଯେତେବେଳେ କେବଳ ଅଳ୍ପ ଲୋକ ଯୋଗ ଦେଉଥିଲେ, ସେତେବେଳେ ଆମ ଚତୁପାର୍ଶ୍ୱସ୍ଥ ଲୋକମାନେ ଉଦାସୀନ ମନେ ହେଉଥିଲେ । କିନ୍ତୁ, ସଂଖ୍ୟା ବୃଦ୍ଧି ପାଇବାରୁ ଆମର ମିଳିତ ଗୀତ ଓ ପ୍ରାର୍ଥନା ଏପରି କେତେକ ପ୍ରତିବେଶୀଙ୍କ ନିମନ୍ତେ ଅସୁବିଧାଜନକ ହେଲା, ଯେଉଁମାନେ ଏହାକୁ ଏକ ଅନଧିକାର ପ୍ରବେଶ ଭାବରେ ଦେଖିଥିଲେ । ଗୋଟିଏ ଉତ୍ସର୍ଗୀକୃତ ଉପାସନା ସ୍ଥଳ ବିନା, ଆମେ ଆମର ଲୋକମାନଙ୍କୁ ଏକ ନିକଟସ୍ଥ ସମୁଦ୍ରକୂଳରେ ଏକତ୍ରିତ ହେବା ପାଇଁ କହିଲୁ ।

ଦିନକୁ ଦିନ ସଂଖ୍ୟା ବୃଦ୍ଧି ହେବାରୁ ଓ ଅଧିକରୁ ଅଧିକ ଜୀବନ ଆଶୀର୍ବାଦ ପ୍ରାପ୍ତ ହେବାରୁ ଆମେ ନୂତନ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଲୁ । ଏହି ଅସୁବିଧାଗୁଡ଼ିକ ସତ୍ତ୍ୱେ, ଆମେ ଏହି ସମସ୍ତ ସଭାଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ବାଧ୍ୟ ଥିଲୁ । ଏହା ଈଶ୍ୱରଙ୍କ କାର୍ଯ୍ୟରେ ଲାଗି ରହିବା ପାଇଁ ମୋର ହୃଦୟ ଉପରେ କେବଳ ବୋଝକୁ ଅଧିକ ଓଜନିଆ କରିଥିଲା ।

ଏହି ଅସୁବିଧାର ସମାଧାନ ପାଇଁ, ମୁଁ ଓ ମୋର ଜଣେ ପ୍ରାର୍ଥନା ସାଥୀ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଆମର ଆଣ୍ଠୁ ଉପରେ ଉଦ୍‌ଯୋଗର ସହିତ ପ୍ରାର୍ଥନା କରିବା ଆରମ୍ଭ କରିଥିଲୁ । ଆମେ କୌଣସି ପ୍ରକାରେ ହସ୍ତକ୍ଷେପ କରିବା ପାଇଁ ପ୍ରଭୁଙ୍କୁ କହିଥିଲୁ । ଅନେକ ଦିନ ଧରି, ସେ ଆମକୁ ବିଶାଳ ବିବାହ କକ୍ଷ ଗୁଡ଼ିକରେ ଭଡ଼ାରେ ସଭାଗୁଡ଼ିକ ଚଳାଇବା ପାଇଁ ସାମର୍ଥ୍ୟ ଦେଇଥିଲେ । ଈଶ୍ୱର ଆମକୁ ସମର୍ପଣ ଓ ବଳିଦାନ ସହିତ ଏହି ପ୍ରାର୍ଥନା ସଭାଗୁଡ଼ିକୁ ଚଳାଇବା ପାଇଁ ଶକ୍ତି ଓ ପ୍ରତିବଦ୍ଧତା ଯୋଗାଇ ଥିଲେ ।

ଏହାର ପ୍ରତିକ୍ରିୟାରେ, ପ୍ରଭୁ ଆମକୁ ଆମର ନିଜର ଗୃହ ଦେଇଥିଲେ ଯେଉଁଠାରେ ଆମେ ଅନ୍ୟ କାହାର ଅର୍ଥ ଆବଶ୍ୟକ ନ କରି ଏକତ୍ରିତ ହୋଇ ପାରିଥିଲୁ । ଆମର ଈଶ୍ୱର ଆଶ୍ଚର୍ଯ୍ୟଜନକ ନୁହଁନ୍ତି କି ? ଏହି ବିଜୟ ହାସଲ କରିବା ପାଇଁ ଅନେକ ବର୍ଷ ଲାଗିଥିଲା ଓ ଆମକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡ଼ିଥିଲା ।

ପ୍ରିୟ ପାଠକ, ଈଶ୍ୱର ସର୍ବଦା ସଙ୍ଗେ ସଙ୍ଗେ କାର୍ଯ୍ୟ କରନ୍ତି ନାହିଁ । ସେ ଆମର ଧୈର୍ଯ୍ୟ ଓ ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନାକୁ ମୂଲ୍ୟ ଦିଅନ୍ତି । ସଠିକ୍ ସମୟରେ, ପ୍ରଭୁ ଆପଣଙ୍କୁ ଉଠାଇବେ । ସେତେବେଳ ପର୍ଯ୍ୟନ୍ତ, ନିଜ ନିଜକୁ ତାଙ୍କର ବଳବନ୍ତ ହସ୍ତ ତଳେ ନମ୍ର କରନ୍ତୁ । ଲେଖାଯାଇଛି – ''ଅତଏବ ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ'' (୧ ପିତର ୫:୬) ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଭୟ, ଉଦ୍‌ବେଗ ଓ ବିଷାଦରୁ ମନୁଷ୍ୟ ହୃଦୟକୁ ସୁସ୍ଥ କରିବା

ଏହି ଉତ୍ସବର ସମୟ, ପ୍ରାୟତଃ ଅନେକଙ୍କ ନିମନ୍ତେ ଭୟ, ଉଦ୍‌ବେଗ ଓ ବିଷାଦର ଅନୁଭବକୁ ବୃଦ୍ଧି କରିଥାଏ । ସାମାଜିକ ପ୍ରତ୍ୟାଶା ଓ ବ୍ୟକ୍ତିଗତ ସଂଘର୍ଷ ମଧ୍ୟରେ ଥିବା ପାର୍ଥକ୍ୟ ଭାରାକ୍ରାନ୍ତ କରିପାରେ । କିନ୍ତୁ, ଯୀଶୁ ଆମର କ୍ଲାନ୍ତ ପ୍ରାଣଗୁଡ଼ିକୁ ଗଭୀର ସୁସ୍ଥତା ଦେଇ ପୁନରୁଦ୍ଧାର କରିଛନ୍ତି ।

## ଈଶ୍ୱରଙ୍କ ଉପସ୍ଥିତର ଭରସା

ଚିନ୍ତିତ ହେବା ସମୟରେ, ଈଶ୍ୱର ଆମକୁ ତାଙ୍କ ଉପସ୍ଥିତି ଅନ୍ୱେଷଣ କରିବା ପାଇଁ ଆହ୍ୱାନ କରନ୍ତି । ଗୀତସଂହିତା ୨୩:୪୭ରେ, ଦାଉଦ ଘୋଷଣା କରିଛନ୍ତି, **''ଏଣୁ ମୁଁ ମୃତ୍ୟୁଚ୍ଛାୟା ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ତୁମ୍ଭେ ମୋହର ସହବର୍ତ୍ତୀ''** । ଈଶ୍ୱରଙ୍କର ଏହି ଭରସା ଆମକୁ ସ୍ମରଣ କରାଇ ଦିଏ ଯେ ଆମେ ଆମ ସଂଘର୍ଷରେ ଆଦୌ ଏକାକୀ ନୁହଁ । ଏହା ସହିତ, ୧ ପିତର ୫:୭ରେ ସମସ୍ତ ଚିନ୍ତାର ଭାର ତାଙ୍କ ଉପରେ ଦେବା ପାଇଁ ଉତ୍ସାହିତ କରାଯାଇଛି **''କାରଣ ସେ ଆମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।''** ତାଙ୍କ ନିମନ୍ତେ କୌଣସି ଭାର ଅସହ୍ୟ ନୁହେଁ । ଆମର ଭୟ ଓ ଉଦ୍‌ବେଗଗୁଡ଼ିକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିବା ଦ୍ୱାରା ଆମେ ଏକ ଗଭୀର ଆଶ୍ୱସ୍ତି ଓ ତାଙ୍କ ଶାନ୍ତିର ଅନୁଭୂତି ପାଉ ।

## ଯୀଶୁଙ୍କ ମାଧ୍ୟମରେ ସୁସ୍ଥତା

ଯୀଶୁ ଭଗ୍ନାନ୍ତଃକରଣମାନଙ୍କୁ ସୁସ୍ଥ କରିବା ପାଇଁ ଓ ଦୁଃଖୀମାନଙ୍କୁ ପୁନରୁଦ୍ଧାର କରିବା ପାଇଁ ଆସିଥିଲେ । ବିଷାଦ ସମୟରେ, ଆମେ ଆମର ଶକ୍ତିର ଉତ୍ସ ଭାବରେ

ତାଙ୍କ ପ୍ରତି ଫେରିପାରିବା । ଯିଶାଇୟ ୬୧:୧ରେ, ଭାବବାଦୀ ଘୋଷଣା କରିଛନ୍ତି, **“ପ୍ରଭୁ, ସଦାପ୍ରଭୁଙ୍କର ଆତ୍ମା ମୋ’ଠାରେ ଅଧିଷ୍ଠାନ କରନ୍ତି, କାରଣ ନମ୍ର ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ସଦାପ୍ରଭୁ ମୋତେ ଅଭିଷିକ୍ତ କରିଅଛନ୍ତି, ସେ ଭଗ୍ନାନ୍ତଃକରଣ ଲୋକମାନଙ୍କର କ୍ଷତ ବାନ୍ଧିବାକୁ, ବନ୍ଦୀ ଲୋକମାନଙ୍କ ପ୍ରତି ମୁକ୍ତି ଓ କାରାବଦ୍ଧ ଲୋକମାନଙ୍କ ପ୍ରତି କାରାଗାର ମୁକ୍ତ ହେବାର କଥା ପ୍ରଚାର କରିବାକୁ ... ମୋତେ ପ୍ରେରଣ କରୁଅଛନ୍ତି”** ।

ଏହି ପ୍ରତିଜ୍ଞା ଆବେଗିକ, ଆତ୍ମିକ ଓ ଶାରୀରିକ ସୁସ୍ଥତା ପ୍ରତି ସଂପ୍ରସାରିତ ହୋଇଅଛି । ଖ୍ରୀଷ୍ଟଙ୍କ ପ୍ରତି ଦୃଷ୍ଟିପାତ କରିବା ଦ୍ୱାରା, ସେ ଆମର ଯନ୍ତ୍ରଣା ବୁଝନ୍ତି ବୋଲି ଜାଣି ସାନ୍ତ୍ୱନା ପାଇପାରିବା । ସେ ଆମକୁ ତାଙ୍କ ଚରଣ ନିକଟରେ ଆମର ଭାର ରଖି ଦେଇ ପ୍ରତି ବଦଳରେ ପୁନରୁଦ୍ଧାର ଓ ଭରସା ପାଇବା ପାଇଁ ଆହ୍ୱାନ କରନ୍ତି ।

## ଯୀଶୁ – ଶାନ୍ତିର ଅନ୍ତିମ ଉତ୍ସ

ଆମେ ଜୀବନର ଜଟିଳତା ମଧ୍ୟ ଦେଇ ଯାତ୍ରା କରୁଥିବା ସମୟରେ, ଏହା ଚିହ୍ନିବା ଅନିବାର୍ଯ୍ୟ ଅଟେ ଯେ ଯୀଶୁ ଶାନ୍ତିର ଅନ୍ତିମ କିମ୍ୱା ଚରମ ଉତ୍ସ ଅଟନ୍ତି । ସେ ବିଶୃଙ୍ଖଳା ମଧ୍ୟରେ ଯେ କେବଳ ଶାନ୍ତି ପ୍ରଦାନ କରନ୍ତି, ତା’ ନୁହେଁ, ମାତ୍ର ଅନନ୍ତକାଳୀନ ଭରସାର ଏକ ମୂଳଦୁଆ ମଧ୍ୟ ପ୍ରଦାନ କରନ୍ତି ।

## ଦୈନନ୍ଦିନ ଜୀବନରେ ଶାନ୍ତିକୁ ଗ୍ରହଣ କରିବା

ଏହି ଶାନ୍ତିର ଅନୁଭୂତି ପାଇବା ପାଇଁ ଆମକୁ ପ୍ରାର୍ଥନା, ଶାସ୍ତ୍ରପାଠ ଓ ସହଭାଗିତା ମାଧ୍ୟମରେ ଖ୍ରୀଷ୍ଟଙ୍କର ସହିତ ଏକ ସଂପର୍କର ବିକାଶ କରିବାକୁ ହେବ । **“ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରୀତିଭାଜନ, ଯାହା ଯାହା ସୁଖ୍ୟାତିଯୁକ୍ତ, ଯେ କୌଣସି ସଦ୍‌ଗୁଣ ଓ ପ୍ରଶଂସାର ବିଷୟ ଥାଏ, ସେହି ସମସ୍ତ ବିଷୟ ଚିନ୍ତା କର”** (ଫିଲିପ୍ପୀୟ ୪:୮) । ଆମର ମନକୁ ଏହି ସମସ୍ତ ଗୁଣ ଉପରେ କେନ୍ଦ୍ରିତ କରିବା ଦ୍ୱାରା, ଆମେ ଆମ ଜୀବନ ମଧ୍ୟକୁ ଈଶ୍ୱରଙ୍କ ଶାନ୍ତିକୁ ସ୍ୱାଗତ ଜଣାଉ ।

ଗାଲାତୀୟ ୫:୨୨–୨୩ରେ, ପାଉଲ ଆତ୍ମାଙ୍କ ଫଳ ବିଷୟରେ କହିଛନ୍ତି ଯାହା ମଧ୍ୟରେ ଶାନ୍ତି ଅନ୍ତର୍ଭୁକ୍ତ ଅଟେ । ଆମେ ଆତ୍ମାରେ ଆଚରଣ କରି ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା ସମୟରେ, ସ୍ୱାଭାବିକ ଭାବରେ ଆମର ପାରସ୍ପରିକ ସଂପର୍କ ଓ ମନୋନୟନରେ ଏହି ଶାନ୍ତିକୁ ଦେହବନ୍ତ କରୁ । ଶାନ୍ତି କେବଳ ଏକ ଅନୁଭବ ନୁହେଁ, ମାତ୍ର ଜୀବନର ଏକ ମାର୍ଗରେ ପରିଣତ ହୁଏ ଓ ଅନ୍ୟମାନଙ୍କ ନିମନ୍ତେ ଆମ ପ୍ରେମ ଓ ଦୟାରେ ପ୍ରକାଶିତ ହୁଏ ।

## ଶାନ୍ତିର ଦାନକୁ ବିତରଣ କରିବା

ଆମେ ଖ୍ରୀଷ୍ଟଙ୍କ ପରିବର୍ତ୍ତନକାରୀ ଶାନ୍ତିର ଅନୁଭୂତି ପାଇବା ସମୟରେ, ଜଗତ ସହିତ ଏହାକୁ ବଣ୍ଟନ କରିବା ପାଇଁ ଆମକୁ ଆହ୍ୱାନ କରାଯାଇଛି । ବିଭାଜନ ଓ ଅସ୍ଥିରତା ଦ୍ୱାରା ଚିହ୍ନିତ ଏକ ସମାଜରେ, ଆମର ଖ୍ରୀଷ୍ଟୀୟ ସାକ୍ଷ୍ୟ ଯୀଶୁଙ୍କଠାରେ ମିଳୁଥିବା ଭରସା ପ୍ରତି ଏକ ସାକ୍ଷୀ ହୋଇ ରହିଛି । ଆସନ୍ତୁ, ଏହି ବଡ଼ ଦିନରେ, ଆମ ସହିତ ମିଶି ଈଶ୍ୱରଙ୍କ ଶାନ୍ତିର ଅନୁଭୂତି ପାଇବା ପାଇଁ ଅନ୍ୟମାନଙ୍କୁ ଆମନ୍ତ୍ରଣ କରିବା ।

## ଉପସଂହାର

### ବଡ଼ଦିନର ପ୍ରକୃତ ଉତ୍ସାହ

ବଡ଼ଦିନ କେବଳ ଏକ ପର୍ବ ନୁହେଁ, ଏହା ମଧ୍ୟରେ ଶାନ୍ତି, ଆଶା ଓ ସୁସ୍ଥତାର ବାର୍ତ୍ତା ରହିଛି । ଆମେ ଯୀଶୁଙ୍କ ଜନ୍ମ ଉତ୍ସବ ପାଳନ କରୁଥିବା ସମୟରେ, ଆମକୁ ଏହା ସ୍ମରଣ କରାଇ ଦିଆଯାଇଛି ଯେ ପ୍ରକୃତ ଶାନ୍ତି ତାଙ୍କ ସହିତ ଏକ ସଂପର୍କରେ ନିହିତ ଅଛି । ପାପରୁ ଆମର ମୁକ୍ତି, ଭଗ୍ନତା ମଧ୍ୟରେ ସେ ପ୍ରଦାନ କରୁଥିବା ଆଶା ଓ ଶାନ୍ତିକାରକ ହେବା ନିମନ୍ତେ ତାଙ୍କର ଆହ୍ୱାନ ସବୁକିଛି ଏହି ସମୟର ଗୁରୁତ୍ୱ ସମ୍ୱନ୍ଧରେ ଆମର ବୋଧ ଜ୍ଞାନକୁ ଗଭୀର କରେ ।

ଯେଉଁ ଜଗତ, ପ୍ରାୟତଃ, ବିଶୃଙ୍ଖଳିତ ଓ ବିଭାଜିତ ମନେହୁଏ, ସେଠାରେ ଯୀଶୁ ଆଶା ଓ ପୁନର୍ମିଳନର ଏକ ବାହକ ଭାବରେ ଦଣ୍ଡାୟମାନ ଅଟନ୍ତି । ତାଙ୍କ ପ୍ରେମ ମାଧ୍ୟମରେ, ଆମେ ଈଶ୍ୱରଙ୍କ ହୃଦୟକୁ ପ୍ରତିଫଳିତ କରୁ ଓ ଏକ ବିଶୃଙ୍ଖଳିତ ଜଗତ ସହିତ ତାଙ୍କର ଶାନ୍ତି ବାଣ୍ଟ । ଆସନ୍ତୁ, ଆମେ ଆମକୁ ପରିବର୍ତ୍ତନ କରିବା ପାଇଁ ତାଙ୍କୁ ଅନୁମତି ଦେବା ଦ୍ୱାରା ଓ ଅନ୍ୟମାନଙ୍କ ନିକଟକୁ ସେହି ଶାନ୍ତି ପ୍ରସାରଣ କରିବା ଦ୍ୱାରା ବଡ଼ଦିନର ପ୍ରକୃତ ଉତ୍ସାହକୁ ଅନୁଭବ କରିବା ।

ପ୍ରେରିତ ପାଉଲଙ୍କ ଭାଷାରେ, **“ପୁଣି ଖ୍ରୀଷ୍ଟଙ୍କର ଯେଉଁ ଶାନ୍ତି ଭୋଗ କରିବା ନିମନ୍ତେ ତୁମ୍ଭେମାନେ ଏକ ଶରୀରସ୍ୱରୂପେ ଆହୂତ ହୋଇଅଛ, ତାହା ତୁମ୍ଭମାନଙ୍କ ହୃଦୟରେ ରାଜତ୍ୱ କରୁ, ପୁଣି ତୁମ୍ଭେମାନେ ଧନ୍ୟବାଦ ଦିଅ”** (କଲସୀୟ ୩:୧୫) । ଏହି ବଡ଼ଦିନ ଆମକୁ ଏହି ଶାନ୍ତିର ଅଧିକ ନିକଟକୁ ଆଣୁ, ଖ୍ରୀଷ୍ଟଙ୍କଠାରେ ରୋପିତ କରୁ ଓ ଆବଶ୍ୟକତା ମଧ୍ୟରେ ଥିବା ଏକ ଜଗତ ନିକଟରେ ଏହାକୁ ଜଣାଇବା ପାଇଁ ଆମକୁ ଶକ୍ତିଯୁକ୍ତ କରୁ ।

************


## ଆମେ ଅତିଶୀଘ୍ର ଆବଶ୍ୟକ କରୁଅଛୁ

**ଆହ୍ୱାନର ପ୍ରତିଧ୍ୱନି କ୍ଷିପ୍ରଗତିରେ ସଂପ୍ରସାରିତ ହେଉଅଛି । ଆମେ ନିମ୍ନଲିଖିତ ପଦବୀଗୁଡ଼ିକ ନିମନ୍ତେ ମିଶନ–ମନୋଭାବ ବିଶିଷ୍ଟ, ସମର୍ପିତ ଓ ବିଶ୍ୱସ୍ତ ପୁରୁଷ ଓ ମହିଳାମାନଙ୍କୁ ଆବଶ୍ୟକ କରୁଅଛୁ :**

- ଆମର ମୁଖ୍ୟ ମଣ୍ଡଳୀ ନିମନ୍ତେ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ଚେନ୍ନାଇସ୍ଥିତ ଆମର ଶାଖା ମଣ୍ଡଳୀ ଗୁଡ଼ିକ ପାଇଁ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ସଂପୂର୍ଣ୍ଣ ସମୟ ସୁରକ୍ଷା କର୍ମୀ ।
- ଡିଟିପି ଅପରେଟର ଓ ଟାଇପିଷ୍ଟ ।
- ଇଂରାଜୀ ଓ ଅନ୍ୟ ଭାଷାଗୁଡ଼ିକୁ କହିବାରେ ଓ ଲେଖିବାରେ ଦକ୍ଷୟ ଲୋକମାନେ ।
- ପ୍ରଶାସନରେ ଆଗ୍ରହୀ ଅଫିସ ପରିଚାଳକମାନେ ।
- ସଂପୂର୍ଣ୍ଣ ସମୟ ବାଇବଲ କଲେଜ ଅଧ୍ୟାପକମାନେ ।
- ଆମର ସେବାକାର୍ଯ୍ୟର ବିକାଶ କରିପାରୁଥିବା ସ୍ୱେଚ୍ଛା ସେବୀମାନେ ।
- ସଂପୂର୍ଣ୍ଣ ସମୟ ଡ୍ରାଇଭର୍ ।
- ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଅଧକ୍ଷ ଓ ଶିକ୍ଷକଗଣ ।
- ସଂପୂର୍ଣ୍ଣ ସମୟ ରାନ୍ଧୁଣିଆ (ମହିଳା) ।
- ସଂପୂର୍ଣ୍ଣ ସମୟ ଗୃହ ସହାୟକ କର୍ମଚାରୀ ।

**ଯୋଗ୍ୟତା ଓ ଅନୁଭୂତି ଉପରେ ଦରମା ଦିଆଯିବ**

Please Contact **ECHO OF HIS CALL** office
**Apply at Whatsapp No : 98412 71858**
**Email : sam@echoofhiscall.org**

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
*Please subscribe*

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### 1. Bank : State Bank of India

| | | |
|---|---|---|
| Branch | : | Triplicane, Chennai-5 |
| Name | : | S. Sam Selva Raj |
| A/C No. | : | 1023 2934 679 |
| IFSC | : | SBIN 00 00 249 |
| SWIFT CODE | : | SBI NIN BB 455 |

### 2. Bank : ICICI Bank

| | | |
|---|---|---|
| Branch | : | Anna Salai, Chennai-6 |
| Name | : | Echo of His Call |
| A/C No. | : | 6038 0502 2319 |
| IFSC | : | ICIC 000 6038 |

### 3. Bank : State Bank of India

(This Account is for Tax Exemption for Indians only )

| | | |
|---|---|---|
| Branch | : | Triplicane, Chennai-5 |
| Name | : | Echo of His Call Educational Trust |
| A/C No. | : | 1023 2923 805 |
| IFSC | : | SBIN 00 00 249 |

Google Pay: 98410 71858
PayPal : SAM SELVA RAJ

*****

E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th DECEMBER 2024.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**